CS (Main) Exam, 2020

**URC–B–ODA**

## ଓଡ଼ିଆ (ପତ୍ର—II)

( ସାହିତ୍ୟ )

| ସମୟ : ତିନିଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 250 |
|---|---|

### ପ୍ରଶ୍ନପତ୍ରଭିତ୍ତିକ ନିର୍ଦ୍ଦେଶ

**ଉତ୍ତର ପ୍ରଦାନ କରିବା ପୂର୍ବରୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଯତ୍ନପୂର୍ବକ ପାଠ କରିବା ଅନିବାର୍ଯ୍ୟ**

ଏଥିରେ ଦୁଇଟି ଭାଗରେ ବିଭକ୍ତ ସମୁଦାୟ **ଆଠୋଟି** ପ୍ରଶ୍ନ ପ୍ରଦତ୍ତ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ **ପାଞ୍ଚୋଟି** ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରଥମ **(1)** ଓ ପଞ୍ଚମ **(5)** ପ୍ରଶ୍ନ ବାଧ୍ୟତାମୂଳକ। ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୂନ **ଗୋଟିଏ** କରି ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ।

ପ୍ରତ୍ୟେକ ପ୍ରଶ୍ନ / ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ।

ସମସ୍ତ ପ୍ରଶ୍ନର ଉତ୍ତର **ଓଡ଼ିଆରେ** (ଓଡ଼ିଆ ଲିପି) ଲେଖିବାକୁ ହେବ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପଭାବେ ପ୍ରଦାନ କରିବା ବିଧେୟ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ବିଧେୟ। ସ୍ପଷ୍ଟରୂପେ କଟାଯାଇ ନ ଥିଲେ, ଆଂଶିକଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ। ଉତ୍ତରପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କଟାଯିବା ବିଧେୟ।

## ODIA (PAPER—II)

( LITERATURE )

| Time Allowed : Three Hours | Maximum Marks : 250 |
|---|---|

### QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions**

There are EIGHT questions divided in two Sections.

Candidate has to attempt FIVE questions in all.

Question Nos. **1** and **5** are compulsory and out of the remaining, THREE are to be attempted choosing at least ONE from each Section.

The number of marks carried by a question/part is indicated against it.

Answers must be written in ODIA (Odia script).

Word limit in questions, wherever specified, should be adhered to.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Answer Book must be clearly struck off.

## Section—A

1. ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ । ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

   (a) 'ଶାନ୍ତିପର୍ବ'ରେ ରାଜ୍ୟଶାସନର କେଉଁ ଦିଗପ୍ରତି ସଚେତନ ରହିବାକୁ ଯୁଧିଷ୍ଠିରଙ୍କୁ ଭୀଷ୍ମ ଉପଦେଶ ଦେଇଛନ୍ତି—ଆଲୋଚନା କର ।

   (b) ଭାଗବତରେ ଯଦୁ-ଅବଧୂତ ସଂବାଦରୁ ଅବଧୂତଙ୍କ ଚବିଶଗୁରୁ ଗ୍ରହଣର ଯଥାର୍ଥତା ପ୍ରତିପାଦନ କର ।

   (c) 'ଚନ୍ଦ୍ରଭାଗା' କାବ୍ୟରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ଆଲୋଚନା କର ।

   (d) 'ଲାବଣ୍ୟବତୀ' କାବ୍ୟର ପ୍ରଥମ ଛାନ୍ଦରୁ ଭଞ୍ଜ-କାବ୍ୟକୌଶଳର ସ୍ୱରୂପ ନିର୍ଣ୍ଣୟ କର ।

   (e) 'ସପ୍ତମ ଋତୁ' କବିତାଗ୍ରନ୍ଥରେ ରମାକାନ୍ତ ରଥଙ୍କ ଜୀବନଦୃଷ୍ଟି ଆଲୋଚନା କର ।

2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

   (a) 'ରସକଲ୍ଲୋଳ'ର ପଠିତାଂଶରୁ କବିଙ୍କ ଜୀବନଦର୍ଶନ ଓ କାବ୍ୟଦୃଷ୍ଟିର ପରିଚୟ ଦିଅ । 20

   (b) ରାଧାନାଥ ରୂପପ୍ରାଣ କବି-ଚନ୍ଦ୍ରଭାଗା କାବ୍ୟ ଅବଲମ୍ବନରେ ପ୍ରମାଣ କର । 15

   (c) ଆଧୁନିକ କବିତାର ପ୍ରାଣଧର୍ମ କିପରି 'କବିତା-1962'ର କାବ୍ୟରୀତିରେ ନିହିତ ବିଶ୍ଳେଷଣ କର । 15

3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

   (a) 'ଲାବଣ୍ୟବତୀ'ର ପ୍ରଥମଛାନ୍ଦରୁ କାବ୍ୟର କଥାବସ୍ତୁ ଓ ଶୈଳୀର ସଙ୍କେତ ମିଳେ—ଆଲୋଚନା କର । 20

   (b) ଭଗ୍ନ କୋଣାର୍କ ମନ୍ଦିର ସହିତ ସୂର୍ଯ୍ୟଦେବତାଙ୍କ ସମ୍ପର୍କ 'ଚନ୍ଦ୍ରଭାଗା' ଅବଲମ୍ବନରେ ବିଚାର କର । 15

   (c) 'ଜୀବନଚିତା' କବିତାରୁ ଐଶ୍ୱରିକ ଅନୁଭବର ବ୍ୟାଖ୍ୟା କର । 15

4. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

   (a) ସାରଳା ମହାଭାରତରେ 'ଶାନ୍ତିପର୍ବ' ନାମକରଣର ସାର୍ଥକତା ଦର୍ଶାଅ । 20

   (b) 'ଲାବଣ୍ୟବତୀ' କାବ୍ୟରେ ଶିବପାର୍ବତୀଙ୍କ ପ୍ରସଙ୍ଗ ପ୍ରଥମ ଛାନ୍ଦରୁ କିପରି କଥାବସ୍ତୁକୁ ନିୟନ୍ତ୍ରିତ କରିଛି—ସମୀକ୍ଷା କର । 15

   (c) 'ସପ୍ତମ ଋତୁ' କବିତାଗ୍ରନ୍ଥରୁ ବାକ୍‌ରୀତିର ପ୍ରୟୋଗରେ କବିଙ୍କ କୃତିତ୍ୱ ଦର୍ଶାଅ । 15

## SECTION—B

**5.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ। ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

*(a)* 'କାଠଘୋଡ଼ା' ନାଟକରେ ଲୋକନାଟକ ଶୈଳୀର ଉପଯୋଗୀତା ବିଚାର କର।

*(b)* 'ଦାନାପାଣି' ଉପନ୍ୟାସରେ ବସ୍ତୁବାଦୀ ଜୀବନସଂଘର୍ଷର ଚିତ୍ର କିପରି ରୂପାୟିତ—ବିଶ୍ଳେଷଣ କର।

*(c)* 'ଛ'ମାଣ ଆଠଗୁଣ୍ଠ'ରେ 'ଅସୁରଦୀଘି' ପରିଚ୍ଛେଦଟିର ଉପଯୋଗୀତା ବିଚାର କର।

*(d)* 'ମରାଳର ମୃତ୍ୟୁ' ଗଳ୍ପର ନାମକରଣର ସାର୍ଥକତା ପ୍ରତିପାଦନ କର।

*(e)* 'ମୁଁ ସତ୍ୟଧର୍ମା କହୁଛି' ପ୍ରବନ୍ଧରେ ପ୍ରାବନ୍ଧିକଙ୍କ ଆଭିମୁଖ୍ୟ ନିର୍ଣ୍ଣୟ କର।

**6.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ :

*(a)* ସଇତାନ ଚରିତ୍ରଗୁଡ଼ିକ ଫକୀରମୋହନଙ୍କ ଖୁବ ପ୍ରଭାବଶାଳୀ—'ଛ'ମାଣ ଆଠଗୁଣ୍ଠ' ଅବଲମ୍ବନରେ ବିଚାର କର। 20

*(b)* 'କାଠଘୋଡ଼ା' ନାଟକର ପରୀକ୍ଷାଧର୍ମୀ ଦୃଷ୍ଟିକୋଣର ପରିଚୟ ଦିଅ। 15

*(c)* 'ତରଙ୍ଗ ଓ ତଡ଼ିତ୍'ର ପଠିତାଂଶରୁ ଚିତ୍ତରଞ୍ଜନ ଦାସଙ୍କ ଗଦ୍ୟଶୈଳୀର ପରିଚୟ ଦିଅ। 15

**7.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* 'ଦାନାପାଣି' ଉପନ୍ୟାସରେ ବଞ୍ଚିବାର ସଂଘର୍ଷ ଭିତରେ ମାନବିକ ମୂଲ୍ୟବୋଧର ଅବକ୍ଷୟ କିପରି ରୂପାୟିତ—ଦର୍ଶାଅ। 20

*(b)* 'ମରାଳର ମୃତ୍ୟୁ' ଗଳ୍ପରେ ସୁରେନ୍ଦ୍ରଙ୍କ ଗଳ୍ପକଳାର ସାର୍ଥକତା ପରୀକ୍ଷା କର। 15

*(c)* 'ତଟ ନିରଞ୍ଜନା' ନାଟକର ମଞ୍ଚମୂଲ୍ୟ ନିର୍ଣ୍ଣୟ କର। 15

**8.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* 'ଲକ୍ଷ୍ମୀର ଅଭିସାର' ଗଳ୍ପରେ ଶିଶୁମନର ସରଳତା ବିରୋଧରେ ସ୍ୱାର୍ଥପର ମଣିଷର ଜଟିଳତାର ପରିଣତି କିପରି ଭୟାବହ ହୋଇଛି—ବିଶ୍ଳେଷଣ କର। 20

*(b)* ବୌଦ୍ଧଯୁଗୀୟ ପୃଷ୍ଠଭୂମି ଆଧାରିତ 'ତଟ ନିରଞ୍ଜନା'ରୁ ଜୀବନ ଜିଜ୍ଞାସାର ଚିତ୍ର ଉପସ୍ଥାପନ କର। 15

*(c)* 'ମୁଁ ସତ୍ୟଧର୍ମା କହୁଛି' ପ୍ରବନ୍ଧରୁ ଲଳିତନିବନ୍ଧର ଲକ୍ଷଣଗୁଡ଼ିକ ନିରୂପଣ କର। 15

★★★